# The Orissa Gazette

**EXTRAORDINARY**

**PUBLISHED BY AUTHORITY**

**No. 1482 CUTTACK, FRIDAY, NOVEMBER 5, 2004 / KARTIKA 14, 1926**


## ରାଜସ୍ୱ ବିଭାଗ

ଘୋଷଣା

ତାରିଖ 20 ଅକ୍ଟୋବର 2004

ସଂଖ୍ୟା 41186–ଏଲ୍.ଏ.-25/2004-କଟକ-ରା.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମହାନଦୀ ଓ ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳ ସେଚ ପ୍ରକଳ୍ପର ନୂଆଗାଁ ମାଇନର ପାଇଁ ସରକାର, ସରକାରୀ ବ୍ୟୟରେ ମୌଜା ମଣପୁର, ଥାନା ତିର୍ତ୍ତୋଲ, ଜିଲ୍ଲା ଜଗତସିଂହପୁରରେ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି; ତେଣୁ ଏତଦ୍ଦ୍ୱାରା ଘୋଷଣା କରାଯାଉଅଛି କି ଉକ୍ତ ଉଦ୍ଦେଶ୍ୟରେ ପ୍ରାୟ 3.64 ଏକର ପରିମିତ ଭୂମି ଉପରୋକ୍ତ ଗ୍ରାମରେ ଆବଶ୍ୟକ ହେଉଅଛି ।

ଭୂ-ଅର୍ଜନ (ସଂଶୋଧିତ) ଆଇନ୍, 1984 ଦ୍ୱାରା ସଂଶୋଧିତ ହେବା ପ୍ରକାରେ 1894ର ଅଧିନିୟମର ଧାରା 6 ର ବ୍ୟବସ୍ଥାନୁଯାୟୀ ପ୍ରଣୀତ ଏହି ଘୋଷଣାଟି ଏଥିସହିତ ସଂପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଭୂ-ଅର୍ଜନ ଆଇନ୍‌ର 4(1) ଧାରା ଅନୁଯାୟୀ ଅଧିସୂଚନା ସଂଖ୍ୟା 10358-ରା., ତା 15 ମାର୍ଚ୍ଚ 2004 ରିଖରେ ପ୍ରକାଶିତ ହୋଇଥିବା ଭୂମି ଅନୁସୂଚୀ ଉକ୍ତ ଘୋଷଣାନାମା ଅନ୍ତର୍ଭୁକ୍ତ ଅଟେ ।

ଉକ୍ତ ଭୂମିର ଏକ ନକ୍ସା, ସ୍ୱତନ୍ତ୍ର ଭୂ-ଅର୍ଜନ ଓ ଥଇଥାନ ଅଧିକାରୀ, ମହାନଦୀ-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳ ପ୍ରକଳ୍ପ ଯୋବ୍ରା, କଟକଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟାଳୟ ସମୟରେ ଦେଖିବାକୁ ମିଳିପାରିବ ।

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଦେବୀ ପ୍ରସାଦ ପଣ୍ଡା**

ଅନୁଶାସନ ସଚିବ


Printed and Published by the Director of Printing, Stationery and Publication, Orissa, Cuttack-10
Ex. Gaz. 993–206+20